ପ୍ରଗତିବାଦୀ
PRAGATIVADI

# ଆଇଆଇଟିରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

• ଭୁବନେଶ୍ୱର, ପିଏନଏସ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୧ ତମ ଜୟନ୍ତୀ ଅବସରରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଦେଶକ ପ୍ରଫେସର ଆର. ଭି ରାଜାକୁମାର ବାପୁଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ କୁଳସଚିବଙ୍କ ଦ୍ୱାରା ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା ସଂକଳ୍ପ ବାର୍ତ୍ତା ପ୍ରେରଣ କରାଯାଇଥିଲା ।

କାର୍ଯ୍ୟକ୍ରମ ଅବସରରେ ପ୍ରଫେସର ରାଜା କୁମାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟକରିବା ଲାଗି ପରାମର୍ଶ ଦେଇଥିଲେ । ଜୟନ୍ତୀ ପାଳନ ସହିତ ବିଭିନ୍ନ ପ୍ରକାରର ଅନଲାଇନ ପ୍ରତିଯୋଗୀତା ଓ ଗାନ୍ଧୀଙ୍କ ଉପରେ ଚଳଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । କାର୍ଯକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଭି. ଆର ପେଡିରେଡ୍ଡି, କୁଳସଚିବ କର୍ଣ୍ଣେଲ ସୁବୋଧ କୁମାର, ଡ. ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

https://pragativadi.com/epaper/edition/1929/bhubaneswar/page/2